# Akashvani, Sambalpur

## SAMBALPURI NEWS BULLETIN

### 13 July 2024- 6.47- 6.52 am.

********************************************

ରଥ ଦକ୍ଷିଣ ମୋଡ଼ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀର୍ ଶ୍ରୀଗୁଣ୍ଡିଚା ମନ୍ଦିର୍ ସିଂହଦୁଆର ଆଗାଡ଼େ ଥିବା ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥକେ ଆଏଜ୍ ଦକ୍ଷିଣ ମୋଡ଼ କରାଯିବା । ରଥକେ ଘିଚାଯାଇକରି ନାକଚଣା ଦୁଆରତକ୍ ନିଆଯିବା । ଗଲାକାଏଲ୍ ମାହାପୁରୁମାନ୍‌କର୍ ତିନ୍‌ହି ରଥର୍ ଦକ୍ଷିଣ ମୋଡ଼ ନୀତି କରାଯାଇଥିଲା । ମାହାପୁରୁଙ୍କର୍ ଆଜ୍ଞାମାଳ ଆସ୍‌ବାର୍ ଉତ୍‌ରୁ ପହେଲା ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ଆର୍ ତାର୍ ଉତ୍‌ରୁ ବଳଭଦ୍ରଙ୍କର୍ ତାଳଧ୍ୱଜ ରଥ ଘିଚାଯାଇକରି ଦକ୍ଷିଣ ମୋଡ଼ କରାଯାଇଥିଲା । ଇ ଦୁହି ରଥ ସଞ୍ଜ୍‌ବେଲ୍‌ତକ୍ ଗୁଣ୍ଡିଚା ମନ୍ଦିର୍‌ର ନାକଚଣା ଦ୍ୱାର ଆଗାଡ଼େ ପୁହୁଁଚିଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ଆଏବା କାଏଲ୍ ମାହାପୁରୁମାନ୍‌କର୍ ସନ୍ଧ୍ୟାଦର୍ଶନ ନୀତି ରହିଛେ । ଆର୍

ତାର୍‌ଉତ୍‌ରୁ ୧୫ ତାରିଖ୍‌ଦିନ ମାହାପୁରୁଙ୍କର୍ ବାହୁଡ଼ା ଯାତ୍ରା ହେବା ।

ପ୍ରଧାନ୍‌ମନ୍ତ୍ରୀ- ପ୍ରକଳ୍ପ ଉଦ୍‌ଘାଟନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ମୁମ୍ବାଇର୍ ୨ ଟା ରେଲ୍‌ଷ୍ଟେସନ୍ ଲୋକ୍‌ମାନ୍ୟତିଲକ୍ ଟର୍ମିନସ୍ ନ ୧୦ ଟା ଆର୍ ଛତ୍ରପତି ଶିବାଜୀ ମହାରାଜ୍ ଟର୍ମିନସ୍ ନ ୧୧ ଟା ନୂଆଁ ସମ୍ପ୍ରସାରିତ ପ୍ଲାଟ୍‌ଫର୍ମର ଲୋକାର୍ପଣ୍ କର୍‌ବେ । ଇତାର୍‌ସଙ୍ଗେ ପ୍ରଧାନ୍‌ମନ୍ତ୍ରୀ ୨୯ ହଜାର୍ ୪ ଶହ କୋଟି ଟଙ୍କାର୍ ଭିନ୍ ଭିନ୍ ରେଲ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଭାରତୀୟ ସମ୍ବାଦପତ୍ର ସମିତି ଆଇଏନ୍‌ଏସ୍‌ର ସଚିବାଳୟର୍ କୁଠାର୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୧୫ ତାରିଖ୍ ସୋମ୍ବାର୍ ଦିନର୍ ୧୧ ବଜେନୁ ଭୁବ୍ନେଶ୍ୱର୍ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ଠାନେ ଲୋକ୍ମାନ୍କର୍ନୁ ଭିନ୍ ଭିନ୍ ଅଭିଯୋଗ୍ର ଶୁଣାଣି କର୍ବେ । ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ମିଳିଥିବା ସୂଚ୍ନା ଅନ୍ସାରେ ଅଭିଯୋଗ୍ ଶୁଣାଣି ଲାଗି ସେଦିନର୍ ସଖାଲର୍ ୮ ବଜେନୁ ମଏଧାନର୍ ୧୨ ବଜେତକ୍ ପଞ୍ଜିକରଣ୍ ହେବା । ଲୁକେ ହେ ସମିଆଥି ଉପସ୍ଥିତ୍ ରହିକରି ନିଜର୍ ଅଭିଯୋଗ୍ ପଞ୍ଜିକରଣ୍ କରେଇକରି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର୍ ଅଭିଯୋଗ୍ ଜନେଇପାର୍ବେ ।

ମେଡ଼ିକାଲ୍ କଲେଜ୍ ନାଁଲେଖା-ସ୍ୱାସ୍ଥ୍ୟମନ୍ତ୍ରୀ

ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟର୍ କଲାହାଣ୍ଡି, ତାଲ୍ଚେର୍ ଆର୍ ଯାଜ୍ପୁର୍ ମେଡ଼ିକାଲ୍ କଲେଜ୍ ଖୋବ୍ ଜଲ୍ଦି ଚାଲୁ ହେବାର୍ ସଙ୍ଗେ ସେନ ରୋଗୀ ସେବା ମୁଲ୍ ହେବା ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଗଲାକାଏଲ୍ କଟକ୍ ନ ଓଡ଼ିଶା ମେଡ଼ିକାଲ୍ କଲେଜ୍ ଟିଚର୍ସ ଆସୋସିଏସନ୍ - ଓମ୍ଟା ର ସାଧାରଣ ପରିଷଦ୍ ବୈଠକ୍ଥି ଯୋଗ୍ ଦେଇକରି ମନ୍ତ୍ରୀ ଡକ୍ଟର୍

ମହାଲିଙ୍ଗ୍ କହିଛନ୍ ଯେ, ରାଏଜେ ଏଛେନ୍‌କା ୧୧ ଟା ମେଡ଼ିକାଲ୍ କଲେଜ୍ ଆର୍ ହାସ୍‌ପାତାଲ୍ କାମ୍ କରୁଛେ । ଯାଜ୍‌ପୁର୍ ମେଡ଼ିକାଲ୍ କଲେଜ୍‌ଥି ୫୦ ଟା ସିଟ୍‌ଥି ନାଁଲେଖା ଲାଗି ଅନୁମତି ମିଳିସାରିଛେ । କଲାହାଣ୍ଡି ଆର୍ ତାଲ୍‌ଚେର୍ ମେଡ଼ିକାଲ୍ କଲେଜ୍‌ର ସିଟ୍ ଲାଗି ଖୋବ୍ ଜଲ୍‌ଦି ଆବେଦନ୍ କରାଯିବା ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ସୂଚ୍‌ନା ଦେଇଛନ୍ ।

ମଧୁବାବୁ ପେନ୍‌ସନ୍ ଯୋଜ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ମଧୁବାବୁ ପେନ୍‌ସନ୍ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଫି ମାସର୍ ୨୦ ତାରିଖ୍‌ତକ୍ ମାସ୍‌କିଆ ଭତା ଦେବାର୍‌ଟା ସୁନିଶ୍ଚିତ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ନିର୍ଦ୍ଦେଶ୍ ଜାରି କରିଛନ୍ । ଇ ବାବ୍‌ଦେ ରାଜ୍ୟ ସାମାଜିକ ସୁରକ୍ଷା ଆର୍ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଲ୍ ମାନ୍‌କୁ ଚିଠି ଲେଖାଯାଇଛେ । ଚିଠିଥି କୁହାଯାଇଛେ ଯେ, ମଧୁବାବୁ ପେନ୍‌ସନ୍ ଯୋଜ୍‌ନାଥି ମାସ୍‌କିଆ ଭତା ଫି ମାସ ୧୫ ତାରିଖ୍ ଜନସେବା ଦିବସ୍‌କେ ଦିଆଯାଏସି । ହେଲେ ଭତା ବାଂଟ୍‌ବାର୍‌ଟା ଫି ମାସର୍ ଶେଷ୍ ହପ୍ତାତକ୍ ଚାଲୁଥିବାର୍ ନଜର୍‌କେ ଆସିଛେ । ହେଥି

ହିତାଧିକାରୀମାନେ କଷ୍ଟ ପାଉଥିବାର୍ ବେଲେ କେତେ ହିତାଧିକାରୀ ଦିହିପାହାର୍ ଲାଗି ଭତା ବଂଟାଯାଉଥିବାର୍ ଜାଗାକେ ଆସି ନାଇଁ ପାର୍‌ବାର୍ । ଫିଁ ମାସର୍ ୨୦ ତାରିଖ୍‌ତକ୍ ହିତାଧିକାରୀମାନ୍‌କୁ ଭତା ଯେନ୍ତା ନିଶ୍ଚିତ୍ ଭାବେ ମିଲ୍‌ବା ହେଟା ଜିଲ୍ଲାପାଲ୍‌ମାନେ ବ୍ୟକ୍ତିଗତ ହସ୍ତକ୍ଷେପ୍‌ଥି ନିଶ୍ଚିତ୍ କର୍‌ବାର୍‌କେ ଚିଠିଥି କୁହାଯାଇଛେ ।

ଡେଙ୍ଗୁ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଡେଙ୍ଗୁ ବେମାରୀ ଦେଖ୍‌ବାର୍‌କେ ମିଲୁଥିବାର୍‌ନୁ ସର୍‌କାର୍ ନମୁନା ପରୀକ୍ଷାକେ ବଢ଼େଇ ଦେଇଛନ୍ । ଗଲାକାଏଲ୍‌ତକ୍ ରାଏଜେ ୩୬ ହଜାର୍ ଶହେ ୧୦ ନମୁନା ପରୀକ୍ଷା କରାଯାଇଥିବାର୍ ବେଲେ ସେ ଭିତ୍‌ରୁ ୫ ଶହ ୪୦ ଝନ୍ ଡେଙ୍ଗୁ ରୋଗୀ ଚିହ୍ନଟ୍ ହେଇଛନ୍ । ସେ ଭିତ୍‌ରେ ଖୋର୍ଦ୍ଧା ଜିଲ୍ଲା ନ ଶହେ ୩୪, ବଲାଙ୍ଗିର୍ ଜିଲ୍ଲା ନ ୭୧ ଆର୍ ସୁନ୍ଦର୍‌ଗଡ଼୍ ଜିଲ୍ଲା ୫୩ ଝନ୍ ଡେଙ୍ଗୁ ରୋଗୀ ଚିହ୍ନଟ୍ ହେଇଥିବାର୍ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସୂଚ୍‌ନା କୁହାଯାଇଛେ । ଡେଙ୍ଗୁର୍ ଲକ୍ଷଣ୍ ଥିଲେ ସଙ୍ଗେସଙ୍ଗେ ଖାଲି ସର୍‌କାରୀ ପରୀକ୍ଷା କେନ୍ଦ୍ର ନ ନମୁନା ପରୀକ୍ଷା କରାବାର୍‌କେ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ସେଆଡ଼େ ବୁର୍ଲା ଭିମ୍ସାର୍ ଡାକ୍ତର୍ଖାନା ନ ଚିହ୍ନଟ୍ ହେଇଥିବା ୨ ଝନ୍ ଡେଙ୍ଗୁ ରୋଗୀ ଭଲ୍ ହେଇକରି ଘର୍କେ ଫିରିଛନ୍ । ହେଲେ ରାଜ୍ୟ ସର୍କାର୍ଙ୍କର୍ ନିର୍ଦ୍ଦେଶ୍ଥି ଡାକ୍ତର୍ଖାନା ନ ୧୫ ଶଯ୍ୟାର୍ ଗୁଟେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ଼ ଖୁଲାଯାଇଛେ ବଲି ଡାକ୍ତର୍ଖାନା ଅଧିକ୍ଷକ ପ୍ରଫେସର୍ ଲାଲ୍ମୋହନ୍ ନାୟକ୍ ସୂଚ୍ନା ଦେଇଛନ୍ ।

ପଂଚାୟତ୍ରାଜ୍ ମନ୍ତ୍ରୀ-ଡାକ୍ତର୍ଖାନା ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ଜମନ୍କିରା ବ୍ଲକ୍ର ଫାଶିମାଲ୍ ଡାକ୍ତର୍ଖାନା ନ ନୂଆଁକରି ତିଆର୍ ହେଇଥିବା ପରୀକ୍ଷାଗାରକେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଆଉ ପଂଚାୟତ୍ରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଗଲାକାଏଲ୍ ଉଦ୍ଘାଟନ୍ କରିଛନ୍ । ଇତାର୍ସଙ୍ଗେ ମନ୍ତ୍ରୀ ଶ୍ରୀ ନାଏକ୍ ଫାଶିମାଲ୍ ଆର୍ କେନାଢିପା ପଂଚାୟତ୍ର ଭିନ୍ ଭିନ୍ ପ୍ରକଳ୍ପମାନ୍କର୍ ଭିଲ୍ ଉଦ୍ଘାଟନ୍ କରିଥିଲେ ।

ଆଇଆଇଏମ୍ ସମ୍ବଲପୁର ସମ୍ବାଦଦାତା

ଭାରତୀୟ ପ୍ରବନ୍ଧନ୍ ପ୍ରତିଷ୍ଠାନ୍- ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ଆଂଚଲିକ୍ ଭାଷାଥି ଛୋଟ୍ ବ୍ୟବସାୟୀମାନ୍‌କୁ ବିଜ୍‌ନେସ୍ ମେନେଜ୍‌ମେଂଟ୍ ପ୍ରଶିକ୍ଷଣ୍ ଦିଆଯାଉଛେ । ଇ କାର୍ଯ୍ୟକ୍ରମ୍‌ଥି ପଶ୍ଚିମ ଓଡ଼ିଶାର୍ ୨୫ ଝନ୍ ବୁଣାକାର୍‌ଙ୍କର ୧୨ ଦିନିଆ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ସେଥି ସେମାନ୍‌କୁ ଡିଜାଇନ୍, ବୟନ ଆର୍ ଡିଜିଟାଲ୍ ମାର୍କେଟିଂ ବାବ୍‌ଦେ ତାଲିମ୍ ଦିଆଯାଇଛେ ।

ପାଣିପାଗ                ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ଅଛେ । ହେତାର୍ ପ୍ରଭାବ୍‌ଥି ଆଏଜ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ଆଉ କେତେ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।